# NATIONAL NEWS BULLETIN (ODIA)
## 25th January - 2026
## Morning Bulletin : 7.15 a.m.

**********************************

ଆକାଶବାଣୀ.....  ସମ୍ବାଦ ପଢୁଛନ୍ତି.....  **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ୭୭ତମ ଗଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଆଜି ଦେଶବାସୀଙ୍କ ଉଦ୍ଦେଶ୍ୟରେ ସମ୍ବୋଧନ ଦେବେ ରାଷ୍ଟ୍ରପତି ।
- ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଆଜି ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।
- ନିର୍ବାଚନ ପ୍ରକ୍ରିୟାରେ ମତଦାତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ମରଣ କରି ଆଜି ପାଳିତ ହେଉଛି ଜାତୀୟ ମତଦାତା ଦିବସ ।

— ଚଳିତ ବର୍ଷର ବାର୍ତ୍ତା ରହିଛି "ମୋ ଭାରତ, ମୋ ଭୋଟ୍ : ଭାରତୀୟ ଗଣତନ୍ତ୍ରର କେନ୍ଦ୍ରରେ ନାଗରିକ" ।

- ସରକାରୀ ଯୋଜନାଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ଆଜି ୨୪୦ ଜଣ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କୁ ସମ୍ମାନିତ କରିବେ କେନ୍ଦ୍ର ସରକାର ।

ଏବଂ

- ମହିଳା ପ୍ରିମିୟର ଲିଗ୍‌ର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ୭ ୱିକେଟ୍‌ରେ ପରାସ୍ତ କଲା ଦିଲ୍ଲୀ କ୍ୟାପିଟାଲ୍‌ସ ।

## ପ୍ରେଜ୍ - ଆଡ୍ରେସ୍

୭୭ତମ ଗଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଦେଶବାସୀ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବେ । ଏହି ବାର୍ତ୍ତା ଆଜି ସନ୍ଧ୍ୟା ୭ଟାରେ ଆକାଶବାଣୀର ସମସ୍ତ ଜାତୀୟ ନେଟ୍‌ୱାର୍କ ଏବଂ ଦୂରଦର୍ଶନର ସମସ୍ତ ଚ୍ୟାନେଲ୍‌ରେ ପ୍ରସାରିତ ହେବ । ରାଷ୍ଟ୍ରପତିଙ୍କ ଏହି ଅଭିଭାଷଣ ପ୍ରଥମେ ହିନ୍ଦୀ ଏବଂ ଏହାର ଠିକ୍ ପରେ ଇଂରାଜୀ ଭାଷାରେ ପ୍ରସାରିତ ହେବ । ଏହାପରେ ଦୂରଦର୍ଶନର ବିଭିନ୍ନ ଆଞ୍ଚଳିକ ଚ୍ୟାନେଲ୍‌ରେ ସ୍ଥାନୀୟ ଭାଷାରେ ଏହାର ପ୍ରସାରଣ କରାଯିବ । ଆକାଶବାଣୀରେ ରାତି ୯ଟା ୩୦ ମିନିଟ୍‌ରେ ରାଷ୍ଟ୍ରପତିଙ୍କ ଅଭିଭାଷଣର ଆଞ୍ଚଳିକ ଭାଷାନ୍ତର ପ୍ରସାରିତ ହେବ ।

# ମନ୍ କୀ ବାତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀ ଓ ବିଦେଶରେ ରହୁଥିବା ଭାରତୀୟଙ୍କ ସହ ଭାବ ବିନିମୟ କରିବେ। ଏହା ହେବ ମନ୍ କୀ ବାତ୍‌ର ୧୩୦ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ। ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ସିଧାସଳଖ ପ୍ରସାରଣ କରାଯିବ । ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

# ନ୍ୟାସନାଲ ଭୋଟର୍ସ ଡେ

ସାରା ଦେଶରେ ଆଜି ଷୋଡ଼ଶ ଜାତୀୟ ମତଦାତା ଦିବସ ପାଳିତ ହେଉଛି । ନୂଆଦିଲ୍ଲୀରେ ନିର୍ବାଚନ ଆୟୋଗଦ୍ୱାରା ଆୟୋଜିତ ମୁଖ୍ୟ

କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଇନ ଓ ନ୍ୟାୟମନ୍ତ୍ରୀ ଅର୍ଜୁନରାମ ମେଘୱାଲଙ୍କ ସମେତ ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର ଓ ନିର୍ବାଚନ କମିଶନ୍'ର ଦୁଇ ସଦସ୍ୟ ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀ ଉପସ୍ଥିତ ରହିବେ ।

ଚଳିତବର୍ଷ ଜାତୀୟ ଭୋଟର ଦିବସର ବାର୍ତ୍ତା ହେଉଛି **"ମୋ ଭାରତ, ମୋ ଭୋଟ୍ : ଭାରତୀୟ ଗଣତନ୍ତ୍ରର କେନ୍ଦ୍ରରେ ନାଗରିକ"** । ନିର୍ବାଚନ ପ୍ରକ୍ରିୟାରେ ଅଂଶ ଉପରେ ଗୁରୁତ୍ୱ ଦେବା ଏବଂ ମତଦାତାଙ୍କୁ ସେମାନଙ୍କ ମତାଧିକାର ବ୍ୟବହାର ପାଇଁ ଗର୍ବ ଅନୁଭବ କରିବାକୁ ଉତ୍ସାହିତ କରିବା ଏହି ଦିବସର ଉଦ୍ଦେଶ୍ୟ ।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂତନ ଭାବେ ପଞ୍ଜିକୃତ ଯୁବ ଭୋଟରମାନଙ୍କୁ ଭୋଟର ଫଟୋ ପରିଚୟ ପତ୍ର ପ୍ରଦାନ କରିବେ । ଏଥିସହ ରାଷ୍ଟ୍ରପତି ନିର୍ବାଚନ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା, ନିର୍ବାଚନ ପରିଚାଳନା, ଭୋଟର ସଚେତନତା ପଦକ୍ଷେପ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ରାଜ୍ୟ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ପୁରସ୍କାର ପ୍ରଦାନ କରିବେ ।

# ଆକାଶବାଣୀ ଆୱାର୍ଡ଼

ଆକାଶବାଣୀର ସମ୍ବାଦ ସେବା ବିଭାଗ ଆଜି ଭୋଟର୍ ଶିକ୍ଷାଦାନ ସଚେତନତା ନିମନ୍ତେ ବୈଦ୍ୟୁତିକ ରେଡ଼ିଓ ବର୍ଗରେ ୨୦୨୫ ବର୍ଷପାଇଁ ପୁରସ୍କାର ପାଇବାକୁ ମନୋନୀତ ହୋଇଛି । ନୂଆଦିଲ୍ଲୀରେ ଆଜି ମତଦାତା ଦିବସର ମୁଖ୍ୟ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିବେ । ମତଦାତା ଯୋଗଦାନ ଏବଂ ସଚେତନତା କ୍ଷେତ୍ରରେ ଏହି ପୁରସ୍କାର ଆକାଶବାଣୀର ଅବଦାନକୁ ଦର୍ଶାଉଥିବା କୁହାଯାଇଛି ।

# ସି.ଇ.ସି. - ନ୍ୟାସନାଲ ଭୋଟର୍ସ ଡେ

ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର କହିଛନ୍ତି, ସଠିକ୍ ମତଦାତା ସୂଚୀ ଗଣତନ୍ତ୍ରର ମୂଳଦୁଆ । ଏହି ଲକ୍ଷ୍ୟ ନେଇ ଯେପରି ସମସ୍ତ ଯୋଗ୍ୟ ଭୋଟର୍ ନିର୍ବାଚନ ପ୍ରକ୍ରିୟାରେ ସାମିଲ୍ ହେବେ ଏବଂ ଅଯୋଗ୍ୟ ଭୋଟର୍‌ମାନଙ୍କୁ ବାଦ୍ ଦିଆଯିବ, ସେଥିଲାଗି ସ୍ୱତନ୍ତ୍ର ସଘନ ମତଦାତା ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜାରି ରହିଛି । ଜାତୀୟ ଭୋଟର୍ ଦିବସ ଅବସରରେ ଶ୍ରୀ କୁମାର କହିଛନ୍ତି, ଏସ୍.ଆଇ.ଆର୍. ପ୍ରକ୍ରିୟା ବିହାରରେ ସଫଳତାର ସହ ଶେଷ ହୋଇଛି ଏବଂ ଅନ୍ୟ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜାରି

ରହିଛି । ଅନ୍ୟ ରାଜ୍ୟଗୁଡ଼ିକରେ ଖୁବ୍ ଶୀଘ୍ର ଏସ୍.ଆଇ.ଆର୍. ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି । ବିହାରରେ ଏସ୍.ଆଇ.ଆର୍. ପ୍ରକ୍ରିୟାରେ ଗୋଟିଏ ବି ଦାବି ଆସି ନ ଥିବା ଏହି ପ୍ରକ୍ରିୟାର ସଠିକତା ଏବଂ ସ୍ୱଚ୍ଛତାକୁ ଦର୍ଶାଉଛି ବୋଲି ସେ କହିଛନ୍ତି ।

***Voice (CEC - Bihar)*** :.......

ଶ୍ରୀ କୁମାର କହିଛନ୍ତି, ଗୋଟିଏ ପ୍ଲାଟ୍‌ଫର୍ମରେ ନିର୍ବାଚନ ସମ୍ପର୍କିତ ସମସ୍ତ ସୂଚନା ଯୋଗାଇଦେବା ଲାଗି ଆୟୋଗ ଇ.ସି.ଆଇ. ନେଟ୍ ଆପ୍ଲିକେସନ୍ ଆରମ୍ଭ କରିଛନ୍ତି । ସଦ୍ୟ ସମାପ୍ତ ହୋଇଥିବା ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ଆନ୍ତର୍ଜାତିକ ସମ୍ମିଳନୀରେ ୭୦ରୁ ଅଧିକ ଦେଶର ପ୍ରତିନିଧିମାନେ ଯୋଗ ଦେବା ଭାରତର ବିଶ୍ୱ ପ୍ରତିବଦ୍ଧତା ପ୍ରକାଶ କରୁଥିବା ଶ୍ରୀ କୁମାର କହିଛନ୍ତି ।

***Voice (CEC - IICDEM)*** :.......

## ପଞ୍ଚାୟତିରାଜ ସ୍ପେଶାଲ୍ ଗେଷ୍ଟସ୍

ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଆଜି ନୂଆଦିଲ୍ଲୀରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯିବ । ସାଧାରଣତନ୍ତ୍ର ଦିବସ ସମାରୋହରେ ଯୋଗଦେବାପାଇଁ ଏହି ପ୍ରତିନିଧିମାନଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ

ନିମନ୍ତ୍ରଣ କରାଯାଇଛି । ସେଥିମଧ୍ୟରେ ୨୪୦ ଜଣ ସରପଞ୍ଚ, ମୁଖିଆ, ଗ୍ରାମ ପ୍ରଧାନ ଏବଂ ବ୍ଲକ୍ ଓ ଜିଲ୍ଲା ପଞ୍ଚାୟତ ଅଧ୍ୟକ୍ଷ ରହିଛନ୍ତି । ସରକାରୀ କାର୍ଯ୍ୟକ୍ରମଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ସଫଳତାର ସହ କାର୍ଯ୍ୟାନ୍ୱୟନ କରିଥିବା ନିର୍ବାଚିତ ପ୍ରତିନିଧିଙ୍କୁ ଏଥିପାଇଁ ମନୋନୀତ କରାଯାଇଛି । ଏହି ଅବସରରେ ୟୁନିସେଫ୍ ସହଯୋଗରେ ପଞ୍ଚାୟତିରାଜ ମନ୍ତ୍ରଣାଳୟଦ୍ୱାରା ବିକଶିତ 'ପଞ୍ଚମ୍' ଚାଟ୍‌ବଟର ଉନ୍ମୋଚନ କରାଯିବ । ପଞ୍ଚାୟତ ପ୍ରତିନିଧି, ଅଧିକାରୀ ଏବଂ ନାଗରିକଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ ତଥା ସମୟୋଚିତ ପଦକ୍ଷେପ ପାଇଁ ଚାଟ୍‌ବଟ୍ 'ପଞ୍ଚମ୍' ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ବୀର ଗାଥା ଆୱାର୍ଡ଼

ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଶେଠ୍ ଏବଂ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ନୂଆଦିଲ୍ଲୀରେ ଅନୁଷ୍ଠିତ ବୀର ଗାଥା ପୁରସ୍କାର ପ୍ରଦାନ ସମାରୋହରେ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । କାର୍ଯ୍ୟକ୍ରମରେ ୧୦୦ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି । ଜାତୀୟ ସ୍ତରରେ ୩ଟି ବର୍ଗରେ ୧୮ଟି ଦେଶର ୯୧ଟି ସ୍କୁଲ୍‌ର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବିଜେତାମାନଙ୍କୁ ଚୟନ କରାଯାଇଥିଲା । ପ୍ରତ୍ୟେକ ବିଜେତାଙ୍କୁ ୧୦ ହଜାର ଟଙ୍କାର ନଗଦ ଅର୍ଥରାଶି

ପ୍ରଦାନ ସହ ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ୭୭ତମ ସାଧାରଣତନ୍ତ୍ର ଦିବସ ପରେଡ୍ ଦେଖିବା ଲାଗି ସୁଯୋଗ ଦିଆଯାଇଛି । ଚଳିତ ବର୍ଷ ୧ ଲକ୍ଷ ୯୨ ହଜାର ବିଦ୍ୟାଳୟର ୧ କୋଟି ୯୨ ଲକ୍ଷ ଛାତ୍ରଛାତ୍ରୀ ବୀର ଗାଥା ପ୍ରତିଯୋଗିତାରେ ଭାଗ ନେଇଥିଲେ ।

ଭାରତ ସ୍ୱାଧୀନତାର ୭୫ ବର୍ଷ ପାଳନ ଅବସରରେ ଆଜାଦୀ କା ଅମୃତ ମହୋତ୍ସବର ଅଂଶଭାବରେ ବୀର ଗାଥା ପ୍ରକଳ୍ପ ୨୦୨୧ ମସିହାରେ ଆରମ୍ଭ କରାଯାଇଥିଲା ।

## ପ୍ରଗତି - ସ୍ପେଶାଲ ଷ୍ଟୋରୀ

ପ୍ରଧାନମନ୍ତ୍ରୀଙ୍କ ସକ୍ରିୟ ଶାସନ ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପ୍ରମୁଖ ମଞ୍ଚ ପ୍ରଗତି ଏହାର ୫୦ତମ ବୈଠକର ସଫଳ ପରିଚାଳନା କରିଛି । ୨୦୧୫ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ, ପ୍ରଗତି ମଞ୍ଚରେ ପ୍ରଧାନମନ୍ତ୍ରୀସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ବାସ୍ତବ-ସମୟ ତଦାରଖ ଏବଂ ସମାଧାନ କରି ସଫଳତା ହାସଲ କରିଛି। ଆଜି ଆସନ୍ତୁ ଏହି ବିଶେଷ ଶୃଙ୍ଖଳାରେ ଜାଣିବା ହିମାଚଳ ପ୍ରଦେଶ ସ୍ଥିତ ୨୨ ନମ୍ବର ଜାତୀୟ ରାଜପଥର ପରବାନୁ-ଶୋଲନ ଭାଗ ସମ୍ପର୍କରେ ।

ପରବାନୁ-ଶୋଲନ ଅଣଚାଳିଶ କିଲୋମିଟର ବିଶିଷ୍ଟ ଜାତୀୟ ରାଜପଥକୁ ୪ ଲେନ୍ କରିବାଲାଗି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ୧ ହଜାର ୬୩୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା । ଏହି ରାସ୍ତା ୩୩ଟି ଗ୍ରାମ ଦେଇ ଅତିକ୍ରମ କରୁଥିବାବେଳେ ପରିବେଶ ଦୃଷ୍ଟିରୁ ମଧ୍ୟ ଅତ୍ୟନ୍ତ ସମ୍ବେଦନଶୀଳ ଥିଲା । ତେବେ ପ୍ରକଳ୍ପଟି ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମତି, ଜମି ଚିହ୍ନଟୀକରଣ ଏବଂ କ୍ଷତିପୂରଣ ପ୍ରଦାନ ଭଳି ସମସ୍ୟାର ସାମ୍ନା କରିଥିଲା । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପ୍ରଗତୀ ମଞ୍ଚରେ ଏହି ପ୍ରକଳ୍ପରେ ଦେଖାଦେଉଥିବା ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ପ୍ରଗତୀ ମଞ୍ଚର ହସ୍ତକ୍ଷେପ ଫଳରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ଏଥିସହ ଜଡ଼ିତ ମନ୍ତ୍ରଣାଳୟଗୁଡ଼ିକ ସକ୍ରିୟ ଭାବେ ସମନ୍ୱୟ ରକ୍ଷାକରି ସମସ୍ୟାଗୁଡ଼ିକର ସମାଧାନ କରିଥିଲେ । ଫଳରେ ୨୦୨୩ ଡିସେମ୍ବର ୨୦ ତାରିଖରେ ଏହି ପ୍ରକଳ୍ପକୁ ଶତ ପ୍ରତିଶତ ସଫଳତା ମିଳିପାରିଥିଲା ।

## କ୍ରିକେଟ୍ - ଟି-ଟ୍ୱେଣ୍ଟି

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଗୁଆହାଟୀର ବର୍ଷାପାରାସ୍ଥିତ ଏ.ସି.ଏ. ଷ୍ଟାଡିୟମ୍‌ରେ ଆଜି ତୃତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳାଯିବ । ସନ୍ଧ୍ୟା ୭ଟାରେ

ମ୍ୟାଚ୍ ଆରମ୍ଭ ହେବ । ଏହି ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ୍‌ରେ ଭାରତ ୨-୦ରେ ଅଗ୍ରଣୀ ରହିଛି ।

## କ୍ରିକେଟ୍ - ଡବ୍ଲ୍ୟୁ.ପି.ଏଲ୍.

ଭଦୋଦରାର ବି.ସି.ଏ. ଷ୍ଟାଡିୟମ୍‌ରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ମହିଳା ପ୍ରିମିୟର ଲିଗ୍‌ର ଏକ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟ୍‌ଲ୍‌ସ ୭ ୱିକେଟ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି । ୧୧୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ କ୍ୟାପିଟାଲ୍‌ସ ୧୫ ଓଭର୍ ୪ଟି ବଲ୍‌ରେ ୩ ୱିକେଟ୍ ବିନିମୟରେ ୧୧୧ ରନ୍ ସ୍କୋର କରିଥିଲା । ପ୍ରଥମେ ବ୍ୟାଟିଂ କରି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୯ ରନ୍ କରିବାକୁ ସକ୍ଷମ ହୋଇଥିଲା । ଆସନ୍ତାକାଲି ମହିଳା ପ୍ରିମିୟର ଲିଗ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

# ଆଇ.ସି.ସି. - ଟି-୨୦ - ବାଂଲାଦେଶ

ଆଗାମୀ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଗ୍ରୁପ୍ ସି'ରେ ବାଂଲାଦେଶ ବଦଳରେ ସ୍କଟ୍‌ଲାଣ୍ଡ ଖେଳିବ । ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ - ଆଇ.ସି.ସି. ପକ୍ଷରୁ ଏହି ଘୋଷଣା କରାଯାଇଛି । ଭାରତ ଏବଂ ଶ୍ରୀଲଙ୍କାର ମିଳିତ ଆୟୋଜନରେ ଆସନ୍ତା ମାସ ୭ ତାରିଖରୁ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଆରମ୍ଭ ହେବ । ଆଇ.ସି.ସି.ର ମୁଖ୍ୟ କାର୍ଯ୍ୟନିର୍ବାହୀ ସଂଯୋଗ ଗୁପ୍ତା ଏହି ନିଷ୍ପତ୍ତି ସମ୍ପର୍କରେ ସମସ୍ତ ସଦସ୍ୟ ବୋର୍ଡ଼ଗୁଡ଼ିକୁ ଅବଗତ କରାଇଛନ୍ତି । ବାଂଲାଦେଶ ଭାରତରେ ଖେଳାଯିବାକୁ ଥିବା ମ୍ୟାଚ୍‌ଗୁଡ଼ିକୁ ଅନ୍ୟ ଦେଶକୁ ସ୍ଥାନାନ୍ତର ପାଇଁ କରିଥିବା ଆବେଦନ ଆଇ.ସି.ସି. ନିୟମର ବିରୁଦ୍ଧାଚରଣ କରୁଥିବା ସେ କହିଛନ୍ତି । ତେଣୁ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରୁ ବାଂଲାଦେଶ ଓହରିଯିବା ପରେ ସ୍କଟ୍‌ଲାଣ୍ଡକୁ ଏଥିରେ ସାମିଲ୍ କରିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନ ଥିବା ଆଇ.ସି.ସି. ପକ୍ଷରୁ କୁହାଯାଇଛି ।

*****